# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**07 December - 2024**

**News Editor : *Itishree Singh Rathuar***

*********************************

## ମୁଖ୍ୟ ସମ୍ବାଦ

- ପାଞ୍ଚଦିନିଆ ଓଡ଼ିଶା ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ରାଷ୍ଟ୍ରପତି
- ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- କଟକ ରେଳଷ୍ଟେସନର ଦ୍ୱିତୀୟ ପ୍ରବେଶ ଦ୍ୱାରକୁ ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ
- ରୂପା କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ ଲକ୍ଷ୍ୟରେ କଟକରେ ପ୍ରତିଷ୍ଠା ହେବ ତାରକସୀ ଉତ୍କର୍ଷ କେନ୍ଦ୍ର

ଏବଂ

- ରାଜ୍ୟର ୧୯ଟି ଜିଲ୍ଲାରେ ଆରମ୍ଭ ହେଲା ସଘନ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ

## ରାଷ୍ଟ୍ରପତି-ପୂର୍ବୋଦୟ ଯୋଜନା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫ ଦିନିଆ ଓଡ଼ିଶା ଗସ୍ତ ଶେଷ କରି ଆଜି ଅପରାହ୍ଣରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଷ୍ଟ୍ରପତି ଆଜି ସକାଳେ ମୟୂରଭଞ୍ଜ ଜିଲ୍ଲାରେ ୬ ହଜାର ୪ ଶହ କୋଟିରୁ ଅଧିକ ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଶ୍ରୀମତୀ ମୁର୍ମୁ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା-ଚାକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ଆଦିବାସୀ ଗବେଷଣା ଓ ବିକାଶକେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଏବଂ ରାଇରଙ୍ଗପୁର ସବ୍‌ଡିଭିଜନାଲ୍ ହସ୍‌ପିଟାଲର ନୂତନ ଅଟ୍ଟାଳିକା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ପୂର୍ବୋଦୟ ଯୋଜନାର ସୁଫଳ ମିଳୁଛି। ଏହା ମାଧ୍ୟମରେ ଶିକ୍ଷା, ଦକ୍ଷତାବିକାଶ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଯୋଗାଯୋଗ, ପରିବହନ ସୁବିଧା ସମେତ ବିଭିନ୍ନ କଲ୍ୟାଣକାରୀ ଯୋଜନା ଜରିଆରେ ସମଗ୍ର ଅଂଚଳର ବିକାଶ ତ୍ୱରାନ୍ୱିତ ହେଉଛି। ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଜନଜାତି ସମ୍ପ୍ରଦାୟର ଲୋକମାନେ ଅଧିକ ଲାଭବାନ ହୋଇଛନ୍ତି। କେନ୍ଦ୍ର ସରକାର ୯୦ରୁ ଅଧିକ ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟର ବ୍ୟବସ୍ଥା କରିଛନ୍ତି। ସେହିଭଳି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଜନଜାତି ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ପାଇଁ ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ ହୋଇଛି।

ଏହିସବୁ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଗ୍ରହଣ କରିବା ପରେ ଜନଜାତି ଛାତ୍ରଛାତ୍ରୀମାନେ ସମାଜ ଓ ଦେଶର ପ୍ରଗତିରେ ଗୁଣାତ୍ମକ ଯୋଗଦାନ ଦେବାରେ ସକ୍ଷମ ହୋଇପାରିବେ ବୋଲି ରାଷ୍ଟ୍ରପତି ଆଶା ବ୍ୟକ୍ତ କରିଥିଲେ।

## ବିଧାନସଭା

ବିଧାନସଭାରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ ସିଏଜିଙ୍କ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏଥିରେ ୮ଟି ରିପୋର୍ଟ ଅନ୍ତର୍ଭୁକ୍ତ ରହିଛି। ରାଜ୍ୟ ସରକାରଙ୍କ ହିସାବ ଉପରେ ୨୦୨୩-୨୪ ଆର୍ଥିକବର୍ଷର ହିସାବ ଓ ବିନିଯୋଗ ହିସାବ ରହିଛି। ସେହିପରି ରାଜ୍ୟରେ ଜନସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବା ପରିଚାଳନା ମହାନଗର ନିଗମରେ ବର୍ଷାଜଳ ନିଷ୍କାସନ ଏବଂ ସ୍ୱରେଜ୍ ପରିଚାଳନା ବ୍ୟବସ୍ଥା ନେଇ ସିଏଜିଙ୍କ ରିପୋର୍ଟ ଉପସ୍ଥାପିତ ହୋଇଛି। ଏହାବ୍ୟତୀତ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ସ୍ଥାନୀୟ ନିକାୟ ଉପରେ ସିଏଜିଙ୍କ ରିପୋର୍ଟ ଏବଂ  ୨୦୧୯ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ବାର୍ଷିକ ହିସାବ ଉପରେ ସିଏଜିଙ୍କ ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି।

## ମୁଖ୍ୟମନ୍ତ୍ରୀ-କେନ୍ଦ୍ରୀୟ ବିଦ୍ୟାଳୟ

ରାଜ୍ୟରେ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ କେନ୍ଦ୍ରୀୟ ଆର୍ଥିକ ବ୍ୟାପାର କ୍ୟାବିନେଟ୍ କମିଟି ମଞ୍ଜୁରୀ ପ୍ରଦାନ  କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ଶିକ୍ଷା ବ୍ୟବସ୍ଥାରେ ସୁଦୃଢ଼ ହୋଇଛି।

ନୂତନ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ରାଜ୍ୟରେ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ଲାଭ କରି ଦେଶର ବିକାଶରେ ଯୋଗଦାନ ଦେବାରେ ସାମର୍ଥ୍ୟ ହାସଲ କରିପାରିବେ। ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭାର ବିକାଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି। ସୂଚନା ଅନୁସାରେ, କୁଚିଣ୍ଡା, ତାଳଚେର, ଆଠମଲ୍ଲିକ୍, କାମାକ୍ଷାନଗର, ଆଇଟିବିପି ଖୋର୍ଦ୍ଧା, ଟିଟିଲାଗଡ଼ ଓ ପାଟଣାଗଡ଼ଠାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବ।

## ରେଳ ପ୍ରବେଶ ଦ୍ୱାର ଲୋକାର୍ପଣ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି କଟକ ରେଳଷ୍ଟେସନଠାରେ ଦ୍ୱିତୀୟ ପ୍ରବେଶ ଦ୍ୱାରକୁ ଲୋକାର୍ପଣ କରିଛନ୍ତି।

ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ବାଲେଶ୍ୱର ଗସ୍ତ କରି ରେଳଷ୍ଟେସନର ନବନିର୍ମିତ ଫୁଟ୍ ଓଭରବ୍ରିଜ୍‌ର ଉଦ୍‌ଘାଟନ କରିଥିଲେ। ସୂଚନା ଅନୁସାରେ, ଅମୃତ ଷ୍ଟେସନ ଯୋଜନା ଅଧିନରେ କାର୍ଯ୍ୟକ୍ଷମ କଟକ ରେଳଷ୍ଟେସନର ପୁନର୍ନିର୍ମାଣ ସହ ଏହାକୁ ଏକ ଆଧୁନିକ ପରିବହନ ହବ୍‌ରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩୦୩ କୋଟି ଟଙ୍କା ଖର୍ଚ୍ଚ ହେବ। ରେଳଷ୍ଟେସନର ଦ୍ୱିତୀୟ ପ୍ରବେଶଦ୍ୱାର ୧୪ କୋଟି ୬୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି।

## ତାରକସୀ କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ

ରୂପା ତାରକସୀ କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ତଥା ତାରକସୀ ଶିଳ୍ପର ଉନ୍ନତୀକରଣ ପାଇଁ କଟକଠାରେ ତାରକସୀ ଉତ୍କର୍ଷ କେନ୍ଦ୍ର ବା କମନ୍ ଫାସିଲିଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର ତାରକସୀ ପ୍ରତିଷ୍ଠା

ହେବ । ଏ ନେଇ କଟକ ଜିଲ୍ଲା ପ୍ରଶାସନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ଆଜି ସ୍ୱାକ୍ଷରିତ ହୋଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କରୋମଲକାରଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।

ଏହି ତାରକସୀ ଉତ୍କର୍ଷ କେନ୍ଦ୍ରରେ କାରିଗରମାନଙ୍କ ପାଇଁ ନୂତନ ଜ୍ଞାନକୌଶଳର ଯନ୍ତ୍ରପାତି ଓ ଅତ୍ୟାଧୁନିକ ତାଲିମ୍ ଯୋଗାଇ ଦେବାର ବ୍ୟବସ୍ଥା ରହିବ । ଏଥିସହ ତାରକସୀ ସାମଗ୍ରୀ ପ୍ରଦର୍ଶନୀ, ଏହାର ବିକ୍ରୀ ତଥା ରପ୍ତାନୀ, ବିନା ଶୁଳ୍କରେ କିପରି ରୂପା କ୍ରୟ କରାଯାଇପାରିବ, ତାରକସୀ ସାମଗ୍ରୀ ତିଆରି ସମୟରେ ଏହାର ନିର୍ମାଣ ମୂଲ୍ୟ କିପରି ହ୍ରାସ କରାଯାଇପାରିବ ଏସବୁଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବୁଝାମଣାପତ୍ରରେ ଉଲ୍ଲେଖ ରହିଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପେଟାନାଳଠାରେ ୭ ହଜାର ବର୍ଗଫୁଟ ସ୍ଥାନ ଚିହ୍ନଟ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ତାରକସୀ ସଂଘ ଏବଂ କାରିଗରମାନେ ଉପସ୍ଥିତ ଥିଲେ ।

## ଯକ୍ଷ୍ମା ନିରାକରଣ

ଦେଶରେ ଆଜିଠାରୁ ୧୦୦ ଦିନ ବ୍ୟାପୀ ସଘନ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ରାଜ୍ୟର ୧୯ଟି ଯକ୍ଷ୍ମାପ୍ରବଣ ଜିଲ୍ଲାଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ୬୦ ବର୍ଷରୁ ଅଧିକ ବୟସ୍କ, ମଧୁମେହ ପୀଡିତ, ଅପପୁଷ୍ଟିର ଶିକାର, ଏଚ୍ଆଇଭି ଆକ୍ରାନ୍ତ କିମ୍ବା ଧୂମପାନ

ଓ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ସମେତ ୫ ବର୍ଷ ମଧ୍ୟରେ ଯକ୍ଷ୍ମାରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସା କରାଯାଇ ଯକ୍ଷ୍ମା ନିରାକରଣ କାର୍ଯ୍ୟରେ ସାମିଲ କରାଯାଇଛି ।

**କଟକ** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାସ୍ତରୀୟ ୧୦୦ ଦିନିଆ ସଘନ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । କଟକ ସାଂସଦ ଭର୍ତ୍ତୃହରି ମହତାବ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଯକ୍ଷ୍ମା ନିରାକରଣ ସମ୍ବନ୍ଧିତ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା ।

## ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ

ଭୁବନେଶ୍ୱର ଜନତା ମୈଦାନରେ ଆସନ୍ତାମାସ ୮ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନେଇ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ୩ ଦିନ ଧରି ଚାଲିବାକୁ ଥିବା ଏହି ଦିବସରେ ବହୁ କେନ୍ଦ୍ରମନ୍ତ୍ରୀ, ପ୍ରବାସୀ ଭାରତୀୟ, ବୈଦେଶିକ ବ୍ୟାପାର ବିଭାଗର ଅଧିକାରୀ ତଥା ବିଶିଷ୍ଟ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ବିଭିନ୍ନ ହୋଟେଲ୍‌ରେ ଅତିଥିଙ୍କ ସୁରକ୍ଷିତ ରହଣି ପାଇଁ ସମସ୍ତ ପଦକ୍ଷେପ ନେବାକୁ ସେ କହିଛନ୍ତି । ଏଥିପାଇଁ ସହରର ହୋଟେଲଗୁଡ଼ିକୁ ଯାଞ୍ଚ କରିବା ପାଇଁ ବୈଠକରେ କୁହାଯାଇଛି । ଏହି ୩ ଦିନିଆ କାର୍ଯ୍ୟକ୍ରମ ସମୟରେ

ପ୍ରବାସୀ ଭାରତୀୟମାନେ ରାଜ୍ୟର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବାକୁ ଥିବା ଦୃଷ୍ଟିରୁ ଭୁବନେଶ୍ୱର, କଟକ, ପୁରୀ, କେନ୍ଦ୍ରାପଡା ଆଦି ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ଡିଆଇଜିଙ୍କ ସମୀକ୍ଷା

ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ୩ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଥାନାରେ ପୁଲିସ୍ ପ୍ରଶାସନ ବ୍ୟବସ୍ଥା ନେଇ ସମୀକ୍ଷା କରିଛନ୍ତି। 'ଆମ ପୁଲିସ୍ ସମିତି' ଗଠନ କରିବା ପାଇଁ ବିଭିନ୍ନ ଗ୍ରାମ ଏବଂ ପଞ୍ଚାୟତକୁ ଯାଇ ଲୋକଙ୍କ ସହଯୋଗରେ କାର୍ଯ୍ୟ କରିବା ପାଇଁ ସେ ପୁଲିସ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଜିଲ୍ଲାରେ ସାଇବର କ୍ରାଇମ୍ ଉପରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଡିଆଇଜି କହିଛନ୍ତି।

## ଓଢ଼ଣଷଷ୍ଠୀ

**ପୁରୀ** ଶ୍ରୀମନ୍ଦିରରେ ଆଜି ଓଢ଼ଣଷଷ୍ଠୀ ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରୀଜୀଉମାନଙ୍କ ଘୋଡଲାଗି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗତକାଲି ପଂଚମୀ ତିଥିରେ ମହାପ୍ରଭୁଙ୍କ ରାତ୍ର ଚନ୍ଦନଲାଗି ବଢ଼ିବା ପରେ ପତନୀ, ଘୋଡ, ଖଣ୍ଡୁଆ ଘୋଡ଼, ପାଗ, ମଦନମୋହନଙ୍କୁ କବର, ବିମଳା, ଶ୍ରୀଦେବୀ ଓ ଭୂଦେବୀଙ୍କ ଘୋଡ଼ ଭୋଗମଣ୍ଡପ ପରେ ଅଧିବାସ କରାଯାଇଥିଲା। ଏହି ଘୋଡମାନଙ୍କୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ବଡ଼ ଦେଉଳକୁ ରତ୍ନ ସିଂହାସନକୁ ବିଜେ କରାଯାଇଥିଲା। ମହାପ୍ରଭୁଙ୍କ ଘୋଡ଼ଲାଗି ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

## ଧାନର ସହାୟକ ମୂଲ୍ୟ

**ନୟାଗଡ଼** ଷ୍ଟାଡିୟମ୍‌ଠାରେ ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ସହ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ଆସନ୍ତାକାଲି ପ୍ରଦାନ କରାଯିବ। ଏ ନେଇ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପ୍ରତିପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଯନ୍ତ୍ରପାତି ମେଳା

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣା କୃଷି ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି। ୪ ଦିନ ଧରି ଚାଲିବାକୁ ଥିବା ଏହି କୃଷିମେଳାକୁ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ବିଭିନ୍ନ କୃଷି ଉପକରଣ ରିହାତି ଦରରେ ବିକ୍ରୟ କରାଯିବା ସହ ଆଧୁନିକ ଯନ୍ତ୍ରପାତି ବ୍ୟବହାରକୁ ନେଇ କୃଷକମାନଙ୍କୁ ତାଲିମ୍ ପ୍ରଦାନର ବ୍ୟବସ୍ଥା କରାଯାଉଛି।

## ପାଣିପାଗ

ରାଜ୍ୟରେ ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଜଗତ୍‌ସିଂହପୁର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼,

ସମ୍ବଲପୁର, ଦେବଗଡ଼ ଏବଂ ୯ ତାରିଖ ଦିନ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଗଜପତି, ଗଞ୍ଜାମ, ନୟାଗଡ଼, କଟକ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ହାଲୁକା ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

*********************************